# ସ୍ୱବିରୋଧିତା-ଦୁଷ୍ଟ ପ୍ରସ୍ତାବିତ ଓଡିଶା ସୂଚନା ଅଧିକାର ଆଇନ୍

---

ରାଷ୍ଟ୍ରଦ୍ୱାରା ନିଜେ କିପରି ଶାସିତ ଓ ପ୍ରଶାସିତ ହେଉଛନ୍ତି, ସେ ସମ୍ବନ୍ଧୀୟ ସୂଚନାରୁ ଅଦ୍ୟାବଧି ବଞ୍ଚିତ ରହିଥିବା ସାଧାରଣ ଲୋକଙ୍କୁ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ସୂଚନା ଅଧିକାର ଆଇନ୍‌ଯେ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କିନ୍ତୁ ବର୍ତ୍ତମାନ ଦେଖିବାର କଥା, ଏହି ଆଇନ୍‌ଟି ଆଇନତଃ କାର୍ଯ୍ୟକାରୀ ହୋଇପାରିବ କି ନାହିଁ ?

ଯେକୌଣସି ଆଇନ୍ ଚାଲୁ କରିବା ପୂର୍ବରୁ ଏହାର ପ୍ରସ୍ତାବକ ଓ ପ୍ରଣେତାମାନେ ଭଲଭାବେ ପରୀକ୍ଷା କରି ଦେଖିବା ଉଚିତ୍ ଯେ, ପ୍ରସ୍ତାବିତ ଆଇନ୍‌ର ଧାରା-ଉପଧାରା ଗୁଡ଼ିକସହ ଅସଂଗତ ବା ଅମେଳ ହେଉଥିବା କୌଣସି ଆଇନ୍ ବା ବିଧିବ୍ୟବସ୍ଥା ବର୍ତ୍ତମାନ କାଏମ୍ ଅଛିକି ? ଯଦି ଥାଏ, ତେବେ ପ୍ରଥମେ ଏହି ଅସଙ୍ଗତିଗୁଡ଼ିକୁ ଦୂରକରିବାକୁ ହେବ ଏବଂ ଏଥିପାଇଁ ପ୍ରସ୍ତାବିତ ଆଇନ୍‌ର ପ୍ରତିକୂଳ ହେଉଥିବା ସାଂପ୍ରତିକ ବିଧିବ୍ୟବସ୍ଥାଗୁଡ଼ିକର ଆବଶ୍ୟକୀୟ ସଂଶୋଧନ କରିବାକୁ ପଡ଼ିବ । ନଚେତ୍ ପ୍ରସ୍ତାବିତ ଆଇନ୍‌ଟି ଆପେଆପେ ଅଚଳ ଓ ଅକାମୀ ହୋଇପଡ଼ିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଉପରନ୍ତୁ ପରସ୍ପରବିରୋଧୀ ବିଧିବ୍ୟବସ୍ଥାର ଏକକାଳୀନ ଅବସ୍ଥାନ ଯୋଗୁଁ କେବଳ ଯେ ପ୍ରଶାସନିକପ୍ରକ୍ରିୟାରେ ବିଶୃଙ୍ଖଳା ଦେଖାଯିବ ତାହା ନୁହେଁ, ଅଦାଲତଗୁଡ଼ିକ ଅଯଥା ଓ ଅବାଂଛିତ ମାଲିମୋକଦ୍ଦମାର ବୋଝରେ ଅଧିକ ଭାରାକ୍ରାନ୍ତ ହୋଇପଡ଼ିବ ଓ ଏସବୁର ଅବଶ୍ୟମ୍ଭାବୀ କୁପରିଣତିରେ ସାଧାରଣ ମଣିଷ ମହରଗରୁ କାନ୍ତାରକୁ ଠେଲି ହୋଇଯିବ । ସ୍ୱାଧୀନୋତ୍ତର କାଳରେ ଉଭୟ ଭାରତରେ ଏବଂ ଓଡ଼ିଶାରେ ବହୁ ପ୍ରଗତିଶୀଳ ଓ ଲୋକାଭିମୁଖି ଆଇନ୍‌ମାନ ପ୍ରବର୍ତ୍ତିତ ହୋଇ ଗୋଟାକପରେ ଗୋଟାଏ ଅଚଳ ହୋଇ କେବଳ କାଗଜକଲମରେ ଅଟକି ଯାଇଥିବାର ବାସ୍ତବସତ୍ୟ ପଛରେ ବିବିଧ କାରଣମଧ୍ୟରୁ ଉପରୋକ୍ତ 'ଅସଙ୍ଗତି ଦୋଷ' ଏକ ଗୁରୁତ୍ୱପୂର୍ଣ୍ଣ କାରଣ ବୋଲି ମନେହୁଏ ।

## ପ୍ରସ୍ତାବିତ ଆଇନ୍ ରେ ଦଣ୍ଡବିଧାନ ବ୍ୟବସ୍ଥା

**ଏହି ଲେଖକ ଯେତିକି ଜାଣେ, ପ୍ରସ୍ତାବିତ ଓଡିଶା ସୂଚନପ୍ରାପ୍ତି ଅଧିକାର ଆଇନ୍-୨୦୦୨ର ଧାରା ୯ (ଦଣ୍ଡବିଧାନ ବା Penalties)ରେ କୁହାଯାଇଛି ଯେ, ଯଦି ଜଣେ କ୍ଷମତାପ୍ରାପ୍ତ ସରକାରୀ ଅଧିକାରୀ ନିର୍ଦ୍ଧାରିତ ସମୟରେ ସୂଚନା ନଦେବା, ବା ତ୍ରୁଟିପୂର୍ଣ୍ଣ ସୂଚନା ଦେବାର ଅଭିଯୋଗ ସୂଚନା-ଆବେଦନକାରୀଙ୍କ ଦ୍ୱାରା ସଂପୃକ୍ତ ଅଧିକାରୀଙ୍କ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ଆଗତ କରାଯାଏ, ତେବେ ଉପରିସ୍ଥ କର୍ତ୍ତୃପକ୍ଷ ପ୍ରଚଳିତ ଚାକିରୀ ନିୟମାବଳୀ ଅନୁଯାୟୀ ଅଭିଯୋଗଟିର ତଦନ୍ତ କରିବେ, ଏବଂ ତଦନ୍ତର ଫଳାଫଳଦ୍ୱାରା ଅଭିଯୁକ୍ତ ଅଧିକାରୀ ଦୋଷୀ ବୋଲି ସାବ୍ୟସ୍ତ ହେଲେ, ତାଙ୍କପାଇଁ ପ୍ରଯୁଜ୍ୟ ଚାକିରୀ ନିୟମାବଳୀ ଅନୁଯାୟୀ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଏହାଛଡ଼ା ଉପରିସ୍ଥ କର୍ତ୍ତୃପକ୍ଷ ଅଭିଯୁକ୍ତ ଅଧିକାରୀଙ୍କୁ ଆବେଦିତ ସୂଚନା ପ୍ରଦାନରେ କାଳବିଳମ୍ବର ଦୋଷପାଇଁ ଦିନପିଛା ୨୦୦ ଟଙ୍କା ହିସାବରେ ଜୋରିମାନା ଦେବା ପାଇଁ ଆଦେଶ ଦେଇପାରନ୍ତି ।**

ପ୍ରସ୍ତାବିତ ଆଇନ୍‌ରେ ଏପରି ଦଣ୍ଡବିଧାନ ବ୍ୟବସ୍ଥାର ଏକ ସ୍ଥୂଳ ଅଧ୍ୟୟନରୁ ମନେ ହୋଇପାରେଯେ, ଏହି ଆଇନ୍‌ଟି କାର୍ଯ୍ୟକାରୀ ହେଲେ ସରକାରୀ ଅଧିକାରୀମାନେ ସମ୍ଭାବ୍ୟ ଦଣ୍ଡବିଧାନ ଭୟରୁ ଆବେଦନ କାରୀଙ୍କୁ ନିର୍ଦ୍ଧାରିତ ସମୟରେ, ନିର୍ଭୁଲ ତଥ୍ୟ ଦେବାପାଇଁ ବାଧ୍ୟ ଅନୁଭବ କରିବେ, ତଥା ଆଇନ୍‌ର ଖିଲାପ କରୁଥିବା ସରକାରୀ ଅଧିକାରୀମାନେ ତାଙ୍କପାଇଁ ପ୍ରଯୁଜ୍ୟ ଚାକିରୀ ନିୟମାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ଜୋରିମାନାର ଦଣ୍ଡ ଭୋଗିବାକୁ ବାଧ୍ୟହେବେ ।

## ଓଡିଶା ସରକାରୀ ଚାକିରୀ ନିୟମାବଳୀ ୧୯୫୯

ବର୍ତ୍ତମାନ ଦେଖାଯାଉ, ସରକାରୀ ଚାକିରୀ ନିୟମାବଳୀ ନାଗରିକଙ୍କୁ ସୂଚନାପ୍ରଦାନ ବ୍ୟାପାରରେ କ'ଣ କହୁଛି ?

ପ୍ରଥମତଃ ବର୍ତ୍ତମାନ ବଳବତ୍ତର ଥିବା 'ଓଡିଶା ସରକାରୀ ଚାକିରୀ ନିୟମାବଳୀ ୧୯୫୯' (Orissa Government Servants Conduct Rules 1959 )ର ଧାରା ୧୧ ରେ ନିମ୍ନୋକ୍ତ ବ୍ୟବସ୍ଥା ରହିଛି: Section 11: "Unauthorised Communication of information: No Government servant shall, except in accordance with any general or special order of the Government or in the performance in good faith of the duties assigned to him, communicate directly or indirectly any official document or information to any Government servant or any other person to whom he is not authorized to communicate such document or information". ଅର୍ଥାତ୍ ଜଣେ ସରକାରୀ କର୍ମଚାରୀ ବିନାଅନୁମତିରେ କୌଣସି ବ୍ୟକ୍ତି ବା ଏପରିକି ଆଉ ଜଣେ ସରକାରୀ କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ କିଛି ସରକାରୀ ତଥ୍ୟ ବା ଦଲିଲ୍ ପ୍ରଦାନ କରିପାରିବେ ନାହିଁ ।

PTO

## ଓଡିଶା ସଚ୍ଚିବାଳୟ ନିର୍ଦ୍ଦେଶାବଳୀ ୧୯୬୧

ଦ୍ୱିତୀୟତଃ, ଓଡିଶା ସଚ୍ଚିବାଳୟ ନିର୍ଦ୍ଦେଶାବଳୀ (**Orissa Secretariat Instructions 1961**)ର ପରିଚ୍ଛେଦ-୭ ଅନୁଭାଗ ୩୭ରେ ସ୍ପଷ୍ଟ କୁହାଯାଇଛି ଯେ, **Chapter VII-37 (1) The public have no right to see or have copies of records in possession of Government, which reserves to itself the right to refuse….. No reason will be given in case of refusal.** ଅର୍ଥାତ୍ ସରକାରୀ ଦଲିଲ୍‌କୁ ଦେଖିବା କିମ୍ବା ନେବାର ଅଧିକାର ସର୍ବସାଧାରଣଙ୍କର ନାହିଁ । ସେମାନଙ୍କୁ ତଥ୍ୟ ଦେବା ବା ନଦେବା ସଂପୂର୍ଣ୍ଣଭାବେ ସରକାରଙ୍କ ମର୍ଜି । ତଥ୍ୟପାଇଁ କୌଣସି ଆବେଦନକୁ ସରକାର ଖାରଜ କଲେ, ସେଥିପାଇଁ କୈଫିୟତ ଦେବାକୁ ପଡିବନି ।

ତୃତୀୟ ପରିଚ୍ଛେଦ- ଆଚରଣ ଓ ଶୃଙ୍ଖଳା (**Chapter III: Conduct and Discipline**)ର ଅନ୍ତର୍ଗତ ଅନୁଭାଗ-୧୪(କ):ସରକାରୀ ତଥ୍ୟକୁ ପଦାରେ ପ୍ରକାଶ (**14[a]Divulging Official Information**) ରେ କୁହାଯାଇଛି ଯେ, **Section 14(a): Official Information acquired by members of the office in their capacity as employees or otherwise must be treated as strictly confidential**, ଅର୍ଥାତ୍ ସରକାରୀ କର୍ମଚାରୀମାନଙ୍କ ପାଖରେ ଥିବା ସମସ୍ତ ତଥ୍ୟ ଅତୀବ ଗୋପନୀୟ ବୋଲି ବିବେଚିତ ହେବ ।

ଏହି ଅନୁଭାଗର ପରବର୍ତ୍ତୀ ଅନୁଚ୍ଛେଦ (୧୪-ଗ) ରେ ଏପରିକି ବିଧାନସଭାର ସଦସ୍ୟମାନଙ୍କୁ ମଧ୍ୟ ସରକାରୀକର୍ମଚାରୀମାନେ ପ୍ରତ୍ୟକ୍ଷଭାବେ ଯୋଗାଯୋଗ କରିବେ ନାହିଁ କିମ୍ବା କୌଣସି ତଥ୍ୟ ପ୍ରଦାନ କରିପାରିବେ ନାହିଁ ବୋଲି ଆଦେଶ ଦିଆଯାଇଛି ।
ଅନୁଭାଗ-୧୫ ରେ ଉଲ୍ଲେଖ ଅଛି, ଅପ୍ରକାଶିତ ସରକାରୀ ତଥ୍ୟ ବା ଚିଠି ସମ୍ବନ୍ଧରେ କୌଣସି ସୂଚନା ବିନାନୁମତିରେ ସରକାରୀ ବା ବେସରକାରୀ ବ୍ୟକ୍ତି ବା ସାମ୍ବାଦିକଙ୍କୁ ଦିଆଯାଇ ପାରିବ ନାହିଁ । ( **III- 15: No one may make use of the unpublished record or letter for communication to the public, press, or to unauthorized persons, whether official on not)** ।

ସର୍ବୋପରି ଅନୁଭାଗ ୧୭( **Section- 17)** ଅନୁଯାୟୀ, ଉପରୋକ୍ତ ନିୟମାବଳୀର ଲଂଘନ ଅପରାଧରେ ସଂପୃକ୍ତ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର ( **Dismissal)** କରାଯିବ ବା ତାଙ୍କ ବିରୁଦ୍ଧରେ ଦଣ୍ଡାଦେଶ ପାଇଁ ମୋକଦ୍ଦମା କରାଯିବ **(Prosecution)** ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ ।

### ପ୍ରଥମେ ଚାକିରୀ ନିୟମାବଳୀର ସଂଶୋଧନ, ତାପରେ ସୂଚନା ଅଧିକାର ଆଇନ୍‌ର ପ୍ରବର୍ତ୍ତନ

ସୁତରାଂ ଯେତେବେଳେ ପ୍ରଚଳିତ ସରକାରୀ ଚାକିରୀ ନିୟମାବଳୀ ଅନୁଯାୟୀ ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ଜଣେ ନାଗରିକ, ସାମ୍ବାଦିକ ବା ବିଧାୟକଙ୍କୁ ପ୍ରତ୍ୟକ୍ଷଭାବେ ସୂଚନା ପ୍ରଦାନ କରିବା ଏକ ଦଣ୍ଡନୀୟ ଅପରାଧ ଅଟେ, ସେପରିସ୍ଥଳେ ପ୍ରସ୍ତାବିତ ଓଡିଶା ସୂଚନା ଅଧିକାର ଆଇନ୍ ର ଧାରା ୯ରେ ଯଥାର୍ଥ ସୂଚନା ପ୍ରଦାନରେ ଖିଲାପ କରୁଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ପ୍ରଚଳିତ ଚାକିରୀ ନିୟମାବଳୀ ଅନୁଯାୟୀ ତଦନ୍ତ ଓ ତତ୍‌ପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ବ୍ୟବସ୍ଥା ରଖିବା ରାଜ୍ୟସରକାରଙ୍କ ପକ୍ଷେ ସ୍ୱବିରୋଧି ଆଚରଣର ଏକ ନଗ୍ନ ଦୃଷ୍ଟାନ୍ତ ନୁହେଁ କି ?

ତେଣୁ ଏହି ଲେଖକର ମତରେ ପ୍ରଥମେ Orissa Government Servants Conduct Rules 1959 ଓ Orissa Secretariat Instructions 1961 ରେ ପ୍ରଶାସନିକ ସ୍ୱଚ୍ଛତାର ବିରୁଦ୍ଧାଚରଣ କରୁଥିବା ଧାରା-ଉପଧାରାଗୁଡିକର ଉପଯୁକ୍ତ ସଂଶୋଧନ କରାଯାଇ ତା'ପରେ ଏକ ଯଥାର୍ଥ ଜନବିତର୍କ ମାଧ୍ୟମରେ ପ୍ରସ୍ତାବିତ ସୂଚନା ଅଧିକାର ବିଧେୟକରେ ରହିଥିବା ସମ୍ଭାବ୍ୟ ତ୍ରୁଟି ଓ ଦୁର୍ବଳତାଗୁଡିକୁ ଦୂର କରାଯାଉ । ନଚେତ୍ ସ୍ୱବିରୋଧିତା-ଦୁଷ୍ଟ ସୂଚନା ଅଧିକାର ଆଇନ୍‌ଟି ବିଧାନସଭାରେ ଗୃହୀତ ହେଲେ ମଧ୍ୟ ଲୋକମତକୁ ଆଖିଠାର ମାରି ଅତୀତର ବହୁ ତଥାକଥିତ ପ୍ରଗତିଶୀଳ ଆଇନ୍ ଭଳି ଏହା କାଗଜକଲମରେ ଅଟକି ଯିବ ।

**Chitta Ranjan Behera MA, LLB, 4A Jubilee Tower, Choudhury Bazar,Cuttack-9,**
**Tel: 0671-623518, Email: chittabehera@rediffmail.com**